# ଆଦିପୁର-କେଶନା ରାସ୍ତା ବିପଦସଙ୍କୁଳ, ମରାମତି ଦାବି



**ଖୁଣ୍ଟ,୫।୪(ସମିସ):** ଶୁକ୍ଳି ବ୍ଲକ ଅନ୍ତର୍ଗତ ଆଦିପୁର-କେଶନା ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ୨.୪୫୦ କିମି ଏହି ରାସ୍ତା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆଜକୁ ପ୍ରାୟ ୬ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ତିନିବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ଅନୁଦାନ କ୍ରମେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗୀକରଣ ନିମନ୍ତେ ବୈତରଣୀ ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ହେବା ପରଠାରୁ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଛୋଟବଡ଼ ଗାଡ଼ି ଯାତାୟାତ କରୁଥିବାରୁ କ୍ରମଶଃ ତାହା ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାଦେଇ ଭାରୀଯାନ ଚଳାଚଳରେ କଟକଣା ସହିତ ରାସ୍ତାକୁ ତୁରନ୍ତ ମରାମତି ପାଇଁ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସହିଦ ରଘୁନାଥ ମାହାତୋଙ୍କ ବଳିଦାନ ଦିବସ



**ସାରସକଣା,୫।୪(ସମିସ):** ସାରସକଣା ବ୍ଲକ୍ ଅନ୍ତର୍ଗତ ଧାନଘେରୀ (ବଡଚାଟରା) ଗ୍ରାମର କୁଡୁମୀ ଭବନରେ ସାରସକଣା ବ୍ଲକ କୁଡୁମୀ ସେନାର ସଭାପତି କାହ୍ନୁଚରଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ସହିଦ ରଘୁନାଥ ମାହାତୋଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଯୋଗଦେଇ ଦେଶର ପ୍ରଥମ ସହିଦ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତିବୀର ରଘୁନାଥ ମାହାତୋଙ୍କ ଭୂମିକା ଓ ତାଙ୍କ ବଳିଦାନ ବାବଦରେ ଅତିଥିମାନେ ଆଲୋକପାତ କରିଥିଲେ। ରଘୁନାଥ ମାହାତୋ ବର୍ତ୍ତମାନର ଝାଡଖଣ୍ଡ ରାଜ୍ୟର ସରେଇକଳା ଖରସୁଆଁ ଜିଲ୍ଲାର ନମଡିହି ବ୍ଲକର ଘୁଟିଡିହିଠାରେ ୧୭୩୮ ମାର୍ଚ୍ଚ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା କାଶୀନାଥ ମାହାତୋ (କୁଡୁମୀ ସର୍ଦ୍ଦାର) ଓ ତାଙ୍କ ମା କର୍ମୀ ମାହାତୋ ଗୃହିଣୀ ଥିଲେ। ସେ ଚୁଆଡ ବିଦ୍ରୋହର ମୁଖ୍ୟ ନାୟକ ଥିଲେ। ବ୍ରିଟିଶମାନେ ବକସାର ଯୁଦ୍ଧରେ ଜୟଲାଭ କରିବା ପରେ ୧୭୬୫ରେ ବିହାର ଓ ବେଙ୍ଗଲ ଅଞ୍ଚଳରୁ ଟିକସ ଆଦାୟ କରିବା ଅଧିକାର ପାଇଥିଲେ। ସେତେବେଳେ ଲୋକେ ଏହାର ଘୋର ବିରୋଧ କରିଥିଲେ। ଫଳରେ କିଛି ଜମିଦାର ସାଧାରଣ ଲୋକଙ୍କ ସପକ୍ଷରେ ଓ ବାକି ଜମିଦାର ବ୍ରିଟିଶଙ୍କ ସପକ୍ଷରେ ଗଲେ। ୧୭୬୯ରେ ରଘୁନାଥ ମାହାତୋ କୁଡୁମୀ ଜାତିର ଲୋକଙ୍କୁ ଏକଜୁଟ କରି ବ୍ରିଟିଶମାନଙ୍କ ବିରୋଧରେ ବିଦ୍ରୋହ ପାଇଁ ନେତୃତ୍ୱ ନେଇଥିଲେ। ତାଙ୍କର ସ୍ଲୋଗାନ ଥିଲା "ଆପନା ଗାଁଓ ଆପନା ଦୂର ଖେଦ ବ୍ରିଟିଶ ରାଜ'। ୧୭୭୮ ଏପ୍ରିଲ ୫ ତାରିଖରେ ରଘୁନାଥ ମାହାତୋ ଓ ତାଙ୍କ ଅନୁଗାମୀ ବ୍ରିଟିଶର ଗୋଳା ବାରୁଦ, ବନ୍ଧୁକ ଲୁଟିବା ପାଇଁ ଯୋଜନା କରିଥିଲେ। ଏହି ଲୁଟରେ ସେମାନେ ସଫଳ ହେଇ ନ ଥିଲେ। ଇଂରେଜମାନଙ୍କ ସହିତ ଲଢେଇରେ ରଘୁନାଥ ମାହାତୋ ଓ ତାଙ୍କର କିଛି ସାଥୀ ପ୍ରାଣ ହରାଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ, ସସ୍ମିତା ମହାନ୍ତ, ଅହଲ୍ୟା ମହାନ୍ତ, ଶକୁନ୍ତଳା ମହାନ୍ତ କୁଡୁମୀ ସେନାର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ବିରେନ୍ଦ୍ର ମହାନ୍ତ, ଅଶୋକ ମହାନ୍ତ, ଅମ୍ବିକା ମହାନ୍ତ, ବାପୁ ମହାନ୍ତ କୁଡୁମୀ ଛାତ୍ର ସେନାର ବରୁଣ କୁମାର ମହାନ୍ତ, ପପୁ ମହାନ୍ତ ଯୋଗ ଦେଇଥିଲେ।

● ରରୁଆଁ ବ୍ଲକ୍‌ରେ ରାମସା ଫଣ୍ଡ ଦୁର୍ନୀତି ଅଭିଯୋଗ

# ତଦନ୍ତ ରିପୋର୍ଟ ପରେ ବି କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

**ରାଇରଙ୍ଗପୁର,୫।୪(ସମିସ):** ରରୁଆଁ ବ୍ଲକ ଅନ୍ତର୍ଗତ ଘାଗରବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ରାମସା) ପକ୍ଷରୁ ଆସିଥିବା ୩,୯୫,୦୦୦ ହଜାର ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ତଦନ୍ତ ହୋଇ ରିପୋର୍ଟ ପ୍ରଦାନ କରାଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ବିନା ରିଜଲ୍ୟୁସନରେ ଟଙ୍କା ଉଠାଣ ନେଇ ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତକୁ ୨ ମାସ ବିତିଯାଇଥିବାବେଳେ ଅଭିଯୋଗକାରୀ ଭରତ ଚନ୍ଦ୍ର ମହାନ୍ତ ରରୁଆଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ବିଷୟରେ ପଚାରିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି ବୋଲି କହିଥିଲେ। ଅର୍ଥ ଆତ୍ମସାତ୍ ସମ୍ବନ୍ଧରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତଦନ୍ତ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏପରିକି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏକ ଅଡିଓ ମଧ୍ୟ ଭାଇରାଲ ହୋଇଥିଲା। ଉକ୍ତ ରାମସା ଟଙ୍କା ହଡ଼ପ କଲେ ସୁଦ୍ଧା ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ ଭାଇରାଲ ଅଡିଓରେ ସ୍ୱର ରହିଥିଲା। ଗତ ଜାନୁଆରୀ ମାସରେ ରରୁଆଁ ବ୍ଲକ ପରିସରରେ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଦ୍ୱିତୀୟ ଥର ଅଭିଯୋଗ ହୋଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସାମାଜିକ କର୍ମୀ ଭରତ ଚନ୍ଦ୍ର ମହାନ୍ତ ଚେତାବନୀ ଦେଇଛନ୍ତି।

## ଅବହେଳିତ ଗାଁ ଦୁଗୁଧା ତୋଟାସାହି

# ପିଇବା ପାଣି ପାଇଁ ହୋ' ସମ୍ପ୍ରଦାୟ ଲୋକେ ହୀନସ୍ତା

**ଶରତ, ୫।୪(ସମିସ):**

କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତର ୯ ନମ୍ବର ୱାର୍ଡରେ ଦୁଗୁଧା ତୋଟାସାହି ଗ୍ରାମ ଅବସ୍ଥିତ। ଏଠାରେ ୪୫ଟି ଆଦିବାସୀ ହୋ' ସମ୍ପ୍ରଦାୟର ପରିବାର ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ୨୦୦ରୁ ଅଧିକ। ଏମାନେ ପିଇବା ପାଣି ପାଇଁ ହୀନସ୍ତା ଭୋଗୁଛନ୍ତି। ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ସେମାନଙ୍କ ମୌଳିକ ସମସ୍ୟା ଦୂର କରାଯିବାକୁ ଦାବି ହେଉଛି।



ତୋଟାସାହି ଗ୍ରାମ ଦୁଗୁଧା ରାମକଣ୍ଡା ପର୍ବତର ପାଦଦେଶରେ ଅବସ୍ଥିତ। ଏହା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବାରୁ ଗ୍ରାମକୁ କେବେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େନାହିଁ। ଗ୍ରାମବାସୀ ଜଙ୍ଗଲରୁ ଶାଳପତ୍ର ତୋଳି ସିଲାଇ କରି ବିକ୍ରି କଲେ ପରିବାର ଚଳେ। ମହୁଲ ଫୁଲ ସଂଗ୍ରହ କରି ବିକିଲେ ସଂସାର ଚଳେ। ଗ୍ରାମରେ ପାନୀୟ ଜଳର ସମସ୍ୟା ରହିଛି। ଗ୍ରାମରେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଗୋଟିଏ ହେଲେ ନଳକୂପ ଖନନ କରାଯାଇନାହିଁ। ଗ୍ରାମବାସୀ ଗ୍ରାମରେ ଖୋଳିଥିବା ଚୁଆରୁ ଅତ୍ୟନ୍ତ ଦୟନୀୟ ଭାବେ ପାଣି ସଂଗ୍ରହ କରୁଥିବା ଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଚୁଆ ଓ ଝରଣା ପାଣି ବ୍ୟବହାର କରୁଥିବାରୁ ଏମାନେ ବିଭିନ୍ନ ସମୟରେ ରୋଗାକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। କଳମଗଡିଆ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ତୋଟାସାହି ଗ୍ରାମ ୬ କିଲୋମିଟର ଦୂରରେ ଅବସ୍ଥିତ। ଆଜି ପର୍ଯ୍ୟନ୍ତ ଗ୍ରାମକୁ ନାହିଁ ରାସ୍ତା, ଗର୍ଭବତୀ ମହିଳା ଓ ରୋଗୀ ଖଟିଆ ଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ବୁହା ହୋଇ ଆସିବା ପରେ ହିଁ ଆମ୍ବୁଲାନ୍ସ ଗାଡି ଧରି ଶରତ ଡାକ୍ତରଖାନାକୁ ପହଞ୍ଚନ୍ତି। ମନରେଗା (ପରିବର୍ଦ୍ଧିତ ଭିବି ଜି ରାମଜି) ଯୋଜନାରେ ଗ୍ରାମରେ ରାସ୍ତା ନିର୍ମାଣ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ସତେ ଯେମିତି ଏହି ଗ୍ରାମ ପାଇଁ ସ୍ୱପ୍ନ ପାଲଟିଛି। ସରକାରଙ୍କ ମାଳମାଳ ଯୋଜନା ସତ୍ତ୍ୱେ ଗ୍ରାମବାସୀ ଆଜି ବି ବିକାଶର ସୂର୍ଯ୍ୟାଲୋକ ଦେଖିବା ପାଇଁ ଅପେକ୍ଷା କରିରହିଛନ୍ତି। ଗ୍ରାମବାସୀ ଦୁଃଖର ବଳୟ ମଧ୍ୟରେ ଅତ୍ୟନ୍ତ କଷ୍ଟମୟ ଜୀବନ ବିତାଉଛନ୍ତି। ପାନୀୟ ଜଳ ସମସ୍ୟା ସମାଧାନ କରିବା ନିମନ୍ତେ ଗ୍ରାମରେ ୨ଟି ନଳକୂପ ଖନନ କରାଯିବାକୁ ଗ୍ରାମର ତୁଳସୀ ସୁରିନ, ସୋମବାରୀ ପୂର୍ତ୍ତି, ସୁରୁ ପୂର୍ତ୍ତି, ଜୀଙ୍ଗି ଶୁଣ୍ଡି, ପାଣ୍ଡୁ ସିଂ ପୂର୍ତ୍ତି, ମହାନ୍ତି ସୟ ଓ ଜାମ୍ବିରା ହେମ୍ବ୍ରମ ପ୍ରମୁଖ ଆକୁଳ ନିବେଦନ କରିଛନ୍ତି। ଗାଁ ରାସ୍ତା ଉନ୍ନତିକରଣ କରାଯିବା ନିମନ୍ତେ ଉଭୟ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରନ୍ତୁ ବୋଲି କଳମଗଡିଆ ପଞ୍ଚାୟତର ଯୁବ ସମାଜସେବୀ ଗୁଲୁରାମ ଲାମାଏ ନିବେଦନ କରିଛନ୍ତି।

# ବଳାଙ୍ଗୀ ମହୋତ୍ସବ ପାଇଁ ନୃତ୍ୟ ପ୍ରତିଭା ଚୟନ



**ବାରିପଦା, ୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପର୍ଯ୍ୟଟନର ସୁରକ୍ଷା, ବିକାଶ ନିମନ୍ତେ୨୦୦୩ରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତ ଥର ୨୪ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ଚଳିତ ମାସ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ରବିବାର ବାରିପଦା ଡିଭାଇନ ଇଞ୍ଜିନିୟରିଂ କଲେଜ ପରିସରରେ ନୃତ୍ୟ ପ୍ରତିଭା ଚୟନ ଭିତ୍ତିକ କାର୍ଯ୍ୟକ୍ରମ ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିସନ ଅନୁଷ୍ଠିତ ହୋଇଯାଇଛି। କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ବିଶ୍ୱଜିତ ନାୟକ, ଉପଦେଷ୍ଟା ଡ ଶଶୀଧର ବିଶ୍ୱାଳ, ଅଶୋକ କୁମାର ପଲେଇ ପ୍ରମୁଖ ଯୋଗଦେଇ ବଳାଙ୍ଗୀ ମହୋତ୍ସବ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ଗଢିତୋଳିଛି ବୋଲି କହିଥିଲେ। ସମ୍ପାଦକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅଡିସନରେ ସବଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ବିଚାରକ ଭାବେ ପ୍ରସିଦ୍ଧ ନୃତ୍ୟ କୋରିଓଗ୍ରାଫର ମାଷ୍ଟର ଶଙ୍କର ପ୍ରସାଦ, ମିସ ରୁପାଲୀ, ମିସ ଅନିନ୍ଦିତା ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତା ପରେ ଆୟୋଜିତ ଉଦଯାପନୀ ଉତ୍ସବରେ ଫଳାଫଳ ଘୋଷଣା କରାଯାଇ ଟପଟେନ ପ୍ରତିଯୋଗୀଙ୍କୁ ଗୋଲଡେନ କାର୍ଡ ପ୍ରଦାନ କରାଯାଇଥିଲା।

ଉଦଯାପନୀ ଉତ୍ସବରେ ବିଶିଷ୍ଟ ସ୍ଥପତି ମନୋଜ କୁମାର କୁଅଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ବଳାଙ୍ଗୀ ମହୋତ୍ସବ ଜିଲ୍ଲାରେ ଏକ ଅନନ୍ୟ ସାଂସ୍କୃତିକ ଧାରା ବୋଲି କହିଥିଲେ। କମିଟି ତରଫରୁ ବରିଷ୍ଠ ସଦସ୍ୟ ଗୋଲକ ମହାନ୍ତି, ଇନ୍ଦୁମତି ମହାନ୍ତି, ଆଇନଜୀବି ରାଜକିଶୋର ମହାନ୍ତ, ସାମ୍ବାଦିକ ରୋହିତ ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ ମଞ୍ଚ ପରିଚାଳନା କରିଥିଲେ। ବଳାଙ୍ଗୀ ସେନାର ଦିଲ୍ଲୀପ କୁମାର ପାତ୍ର, ବିଜୁ ଜିତ, ରଞ୍ଜିତ ପଲେଇ, ସୁଦୀପ ନାୟକ, ପ୍ରକାଶ କାଣ୍ଡି, ଦେବାଶିଷ ଜିତ, ବିଶ୍ୱଜିତ ପାତ୍ର, ଆକାଶ ଭଞ୍ଜଦେଓ ଓ ସତ୍ୟକାମ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ଲାଟେରାଇଟ ପଥର ଟ୍ରାକ୍ଟର ଜବତ

**ରାଇରଙ୍ଗପୁର/କରଞ୍ଜିଆ,୫।୪(ସମିସ):** କରଞ୍ଜିଆ ଅଞ୍ଚଳରେ ଲଘୁ ଖଣିଜ ମାଫିଆ ସକ୍ରିୟ ହୋଇଛନ୍ତି। ଲଘୁ ଖଣିଜ ଚୋରା ଚାଲାଣ ଜାରି ରହିଥିବାବେଳେ ୨ଟି ଲାଟେରାଇଟ ପଥର ଟ୍ରାକ୍ଟର ଜବତ କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଯାହାକୁ ନେଇ କରଞ୍ଜିଆ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଦୁଇଟି ଟ୍ରାକ୍ଟରରେ ଲାଟେରାଇଟ ପଥର ଚୋରା ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କରଞ୍ଜିଆରୁ ଗିଧିବସାକୁ ପଥର ବୋଝେଇ କରି ଦ୍ରୁତଗତିରେ ଆସୁଥିବା ୨ଟି ଟ୍ରାକ୍ଟରକୁ ଜାତୀୟ ରାଜପଥ ୨୨୦ରେ ଅଟକାଇବାକୁ ପ୍ରୟାସ କରିଥିଲେ। ଟ୍ରାକ୍ଟର ଚାଳକ ଦ୍ୱୟ ଟ୍ରାକ୍ଟର ଛାଡି ରାସ୍ତା କଡ଼ ଜଙ୍ଗଲକୁ ଚମ୍ପଟ ମାରିଥିଲେ। ପୁଲିସ ପିଛା କରି ସେମାନଙ୍କୁ ଗିରଫ କରିଥିଲା। ବେଆଇନ ଭାବେ ଚୋରା ଚାଲାଣ କରୁଥିବା ଜାଣିବା ପରେ ୨ଟି ଗାଡିକୁ ଜବତ କରାଯାଇଛି। ମହୁଲଡିହା ଜଙ୍ଗଲରୁ ଉକ୍ତ ପଥର ଉତ୍ତୋଳନ କରି ଯଶିପୁର ଅଞ୍ଚଳକୁ ବେଆଇନ ଚାଲାଣ କରିଥିବା ସ୍ୱୀକାର କରିଛନ୍ତି। ଏନେଇ କରଞ୍ଜିଆ ଥାନାରେ ଲଘୁ ଖଣିଜ ବେଆଇନ ଭାବେ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଶ୍ରୀଜଗନ୍ନାଥ ଓ ଅଷ୍ଟମପ୍ରହରୀ କମିଟିର ରୌପ୍ୟ ଜୟନ୍ତୀ



**ବୈଶିଙ୍ଗା, ୫।୪(ସମିସ):** ଆଗ୍ରିଆ ପଞ୍ଚାୟତ ଅଧୀନ ବିଷ୍ଣୁପୁର ଗ୍ରାମରେ ଶ୍ରୀଜଗନ୍ନାଥ ଓ ଅଷ୍ଟମପ୍ରହରୀ କମିଟିର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୦୦୧ଠାରୁ ପ୍ରତ୍ୟେକ ବର୍ଷ ଗ୍ରାମବାସୀ ଏକତାର ସହିତ ଏହା ପାଳନ କରିଆସୁଛନ୍ତି। ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଏହାର ବଳିଷ୍ଠ ପ୍ରମାଣ। ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ୨୫ ବର୍ଷ ପୂରଣ କରିଥିବାବେଳେ ରୌପ୍ୟ ଜୟନ୍ତୀକୁ ସ୍ମରଣୀୟ ଓ ଆକର୍ଷଣୀୟ କରିବା ପାଇଁ ମାର୍ଚ୍ଚ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ପାଳନ କରାଯାଇଥିଲା। ପ୍ରଥମ ଦିବସରେ ବାର୍ଷିକ କ୍ରୀଡ଼ାରେ ଗ୍ରାମର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସର ମହିଳା, ବରିଷ୍ଠ ନାଗରିକ ଭାଗ ନେଇଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଶନିବାର ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିବାବେଳେ ୨୪ ଘଣ୍ଟା ଧରି ହରିନାମ ସଂକୀର୍ତ୍ତନ ଚାଲିଥିଲା। ଏଥିରେ ଆଗ୍ରିଆ ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥ ପରିକ୍ରମା













**ରାଇରଙ୍ଗପୁର,୫।୪(ସମିସ):**

ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହିସ୍ଥ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇ ଖଡିଛୁଆଁ ଉତ୍ସବ ପାଳନ କରିବା ସହିତ ଶିକ୍ଷା ରଥର ଉଦଘାଟନ କରିଥିଲେ। ଝରାଡିହି ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଦେଓଲା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଭୂତନାଥ ସିଟ, ସୁଜାତା କରମହାପାତ୍ର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସ୍କୁଲ ବ୍ୟାଗ, ସିଲଟ ଓ ଚକ୍ ଖଡି ବଣ୍ଟନ କରିଥିଲେ। ବିଦ୍ୟାଳୟ କୋଠରୀରେ ଲାଗିଥିବା ବାଲବାଟିକା ସ୍ତରର ତିନୋଟି ଷ୍ଟଲକୁ ମୁଖ୍ୟଅତିଥି ବିଧାୟକ ଶ୍ରୀ ନାଏକ ବୁଲି ଦେଖିଥିଲେ। ପରେ ଶିକ୍ଷା ରଥ ବ୍ଲକର ସମସ୍ତ ବିଦ୍ୟାଳୟକୁ ପରିକ୍ରମା କରିଛି। ଏଠାରେ ଶିଶୁଙ୍କ ଦ୍ୱାରା ନାଚ, ଗୀତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ଧରିତ୍ରୀ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଏବିଇଓ ଭୂତନାଥ ସିଟ୍ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ଏସଏମସି ସଦସ୍ୟ, ଝରାଡିହି କ୍ଲଷ୍ଟରର ସିଆରସିସି ମଥୁରା ସୋରେନ, ଯଶିପୁର ସିଆରସିସି ପୁଲକ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଶରତ:** କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଆଜି ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି। ସରକାରଙ୍କ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ବରିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ଉଦ୍‌ଘାଟନ କରିଥିଲେ। ସୁନ୍ଦର ରଙ୍ଗୋଲି ଓ ଝୋଟି ମାଧ୍ୟମରେ ବିଦ୍ୟାଳୟକୁ ସଜାଇ ନୂଆ ଆଗନ୍ତୁକଙ୍କୁ ସ୍ୱାଗତ ଜଣାଇ ଥିଲେ। ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ନିକଟରେ ପ୍ରତ୍ୟେକ ଶିଶୁଙ୍କୁ ଆଦ୍ୟ ଅକ୍ଷର ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ଖଡ଼ି ଛୁଆଁ କରାଇଥିଲେ ଶିକ୍ଷକ ନିତ୍ୟାନନ୍ଦ ମିଶ୍ର। ଶିଶୁ ବାଟିକା କାର୍ଯ୍ୟପୁସ୍ତିକା ସହ ମିଷ୍ଟାନ୍ନ, କଦଳୀ ଓ ଫଳରସ ଦେଇ ଆପ୍ୟାୟିତ କରାଯାଇଥିଲା।

**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକ୍‌ର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି। ନୂଆ କରି ବିଦ୍ୟାଳୟକୁ ଆସୁଥିବା ଶିଶୁଙ୍କୁ ଚନ୍ଦନ ଟିକା ଲଗାଇ ବନ୍ଦାପନା କରାଯାଇ ସ୍ୱାଗତ କରାଯାଇଥିଲା। ପରେ ସେମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର ପ୍ରଥମ ସୋପାନ ପ୍ରଦାନ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିବାବେଳେ ପାଠ୍ୟପୁସ୍ତକ ଓ ଶିକ୍ଷା ସାମଗ୍ରୀ ବିତରଣ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ପିଲାଙ୍କୁ ଶିକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ସମାଜସେବୀ ପ୍ରଦୀପ ମହାନ୍ତି, ଏବିଓ ବିଜୟ ବାରିକ, ସୁକୁମାର ରାଉତ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବାବେଳେ ପ୍ରବେଶ ଉତ୍ସବ ପିଲାଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାରେ ସଫଳ ହେବ ବୋଲି ମତ ଦେଇଛନ୍ତି।

**ଶୁଳିଆପଦା:** ଶୁଳିଆପଦା ବ୍ଲକ୍ ଅଧୀନସ୍ଥ ମହାବିଲା ପଞ୍ଚାୟତର ଧରମପୁରା ଉଚ୍ଚବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳିତ ହୋଇଯାଇଛି। ଶୁଳିଆପଦା ବ୍ଲକ୍ ସହଶିକ୍ଷାଧିକାରୀ ସରୋଜ ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ପ୍ରତାପ ଗିରିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମହାବିଲା ସରପଞ୍ଚ ଅନୂପ ସିଂ, ସାଂସଦ ପ୍ରତିନିଧି ଭାଗବତ ଚନ୍ଦ୍ର ମାର୍ଣ୍ଡି, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ପଙ୍କଜିନୀ ସର୍ଦ୍ଦାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୩ ଜଣ ପିଲାଙ୍କୁ ଖଡ଼ିଛୁଆଁଇ ବିଦ୍ୟାରମ୍ଭ କରାଇଥିଲେ। ପରେ ପରେ ଶିକ୍ଷା ସଚେତନତା ରଥକୁ ଅତିଥିମାନେ ଉଦଘାଟନ କରିଥିଲେ।




**ଉଦଳା:** ଉଦଳା ବ୍ଲକ ଶାଳଖୁଣ୍ଟାସ୍ଥ ପିଏମଶ୍ରୀ ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ହୋଇଥିବାବେଳେ ସଭିଏଁ ପଢିବେ ସଭିଏଁ ବିଦ୍ୟାଳୟକୁ ଆସିବେ ଯୋଜନାରେ ସଚେତନତା ରଥ ପରିକ୍ରମା କରିଛି। ଏହି କାର୍ଯ୍ୟକ୍ରମରେ ଉଦଳା ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଚେୟାରମ୍ୟାନ ପ୍ରମିଳା ପଣ୍ଡା ଯୋଗ ଦେଇଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟର ଶ୍ରେଣୀଗୃହକୁ ସାଜସଜା କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ନୂତନ ଭାବେ ଅଧ୍ୟୟନ କରିବାକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷକମାନେ ଖଡ଼ି ଛୁଆଁ କରି ପାଠ୍ୟକ୍ରମ ଆରମ୍ଭ କରିଥିଲେ।

